No. 1(12) / CLCSS / Misc / Fake Loans / 2020-21

# ଭାରତ ସରକାର

# ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟମ ମନ୍ତ୍ରଣାଳୟ

## ବିକାଶ ଆୟୁକ୍ତ (ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟମ)

****

ସପ୍ତମ ମହଲା, A ପକ୍ଷ,
ନିର୍ମାଣ ଭବନ, ନୂଆଦିଲ୍ଲୀ
ଦିନାଙ୍କ ୧୮ ସେପ୍ଟେମ୍ବର ୨୦୨୦

## ଠକେଇ ପ୍ରତି ସାବଧାନ

ଭାରତ ସରକାରଙ୍କ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟମ (MSME) ମନ୍ତ୍ରଣାଳୟଙ୍କୁ ଏହା ଜ୍ଞାତ ହେଲା ଯେ କିଛି ଅବିବେକୀ ମୂଳତତ୍ତ୍ୱ ଅଣୁ, କ୍ଷୁଦ୍ର ଓ ମଧ୍ୟମ ମନ୍ତ୍ରଣାଳୟର ବିଭିନ୍ନ ଯୋଜନା ମାଧ୍ୟମରେ ସିଧା ଋଣ ସୁବିଧା କରାଇଦେବାକୁ ଛଳନା ପୂର୍ବକ ଲୋକଙ୍କ ଠାରୁ ଅର୍ଥ ଆଦାୟ କରୁଛନ୍ତି ।

ଏତଦ୍ୱାରା ସୂଚିତ କରାଯାଉଅଛି କି ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ମନ୍ତ୍ରଣାଳୟ ଏହାର ଋଣ ଯୋଜନା ଅନ୍ତର୍ଗତ ହିତାର୍ଥୀମାନଙ୍କୁ ସିଧା ଋଣ ପ୍ରଦାନ କରେ ନାହିଁ । ଏହି ମନ୍ତ୍ରଣାଳୟର ସମସ୍ତ ଋଣ ଯୋଜନା ବ୍ୟାଙ୍କ / ବିତ୍ତୀୟ ସଂସ୍ଥାନ ମାଧ୍ୟମରେ ହିଁ କାର୍ଯ୍ୟକାରୀ ହୋଇଥାଏ । ଯେଉଁ ବ୍ୟକ୍ତିମାନେ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟମ ଋଣ / ଉଧାର ସୁବିଧା ପାଇଁ ଆବେଦନ କରିବାକୁ ଚାହୁଁଛନ୍ତି ସେମାନେ ସେମାନଙ୍କର ନିକଟସ୍ଥ ଅନୁସୂଚିତ ବ୍ୟବସାୟିକ ବ୍ୟାଙ୍କ ମାନଙ୍କୁ ସମ୍ପର୍କ କରନ୍ତୁ । ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟମ ମନ୍ତ୍ରଣାଳୟର ସମସ୍ତ ଋଣ ଯୋଜନାର ବିବରଣୀ ଆମର ୱେବସାଇଟ୍ http://msme.gov.in, http://dcmsme.gov.in ଏବଂ http://champion.gov.inରେ ଉପଲବ୍ଧ ଅଛି ।

ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟମ ମନ୍ତ୍ରଣାଳୟ ତରଫରୁ ସମସ୍ତ ଉଦ୍ୟମୀ ଏବଂ ଜନସାଧାରଣଙ୍କୁ ସତର୍କ କରାଇ ଦିଆଯାଉଛି ଯେ, ଏଭଳି ପ୍ରତାରକ (ଠକ) ବ୍ୟକ୍ତି ଏବଂ ସଂସ୍ଥା ସହ ସିଧାସଳଖ କିମ୍ବା ୱେବ୍‌ସାଇଟ୍ ଏବଂ ଫୋନ୍ ମାଧ୍ୟମରେ ସମ୍ପର୍କ ସ୍ଥାପନ କରି ଠକାମୀର ଶିକାର ହୁଅନ୍ତୁ ନାହିଁ ।

ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟମ ମନ୍ତ୍ରଣାଳୟ ଉଦ୍ୟମୀ ଏବଂ ଜନସାଧାରଣଙ୍କୁ ପୁନଶ୍ଚ ପରାମର୍ଶ ଦେଉଛି ଯେ ଏଭଳି ଠକ ବ୍ୟକ୍ତି ଏବଂ ସଂସ୍ଥା ସେମାନଙ୍କୁ ଆର୍ଥିକ କ୍ଷତି ପହଞ୍ଚାଇ ପାରନ୍ତି ଏବଂ ଏଥି ନିମନ୍ତେ ମନ୍ତ୍ରଣାଳୟ କୌଣସି ପ୍ରକାର ଉତ୍ତରଦାୟୀ ରହିବେ ନାହିଁ ।

*****